ପାଠ 13
पाठ

ଅବସର ନେଲାପରେ
अबसर नेलापरे

ଶରତ : ମାଧବ ବାବୁ ! ଆପଣ କ'ଣ ଧାନ କଟା ଛୁଟିରେ ଗାଁକୁ ଯାଉଛନ୍ତି ?

ମାଧବ : ନାଁ, ମୁଁ ଗାଁକୁ ଯାଇ ପାରୁନି । କାରଣ ମୁଁ ଏଥର ବଡ଼ ପୁଅ ଘରକୁ ଭୋପାଳ ଯାଉଛି ।

ଶରତ : ଆପଣ ଅଳ୍ପ ଦିନ ତଳେ ତ ଯାଇଥିଲେ । ଆପଣଙ୍କୁ ଏଠି କ'ଣ ଭଲ ଲାଗୁନି ?

ମାଧବ : ଅବସର ନେଲା ପରେ ଏବେ ଏଠି ଭଲ ଲାଗୁନି । ତମ ଭାଉଜ ତ ମତେ ଛାଡ଼ି ଚାଲିଗଲେ । ଆଗରୁ ସବୁ କାମ ନିଜ ହାତରେ କରି ପାରୁଥିଲି । ହେଲେ ଆଜିକାଲି ଆଉ ପାରୁନି ।

ଶରତ : ହେଲେ ଥରକୁ ଥର ଏମିତି ରେଳ ଯାତ୍ରା କଲେ ଆପଣଙ୍କ ଦେହ କ'ଣ ସହିପାରିବ ?

ମାଧବ: ଯେତେ ଦିନ ମୁଁ ଯାଇପାରୁଥିବି ଯାଉଥିବି । ଏଥର ମୋ ବୋହୂ ମୋ ସାଙ୍ଗରେ ଆସି ପାରନ୍ତି ।

अवकाश लेने के बाद

शरत : माधव बाबु ! क्या आप 'धानकटाई' की छुट्टी में गाँव (को) जा रहे हैं?

माधव : नहीं, मैं गाँव (को) नहीं जा सकता। क्यों कि मैं इस बार अपने बड़े बेटे के घर भोपाल जा रहा हूँ।

शरत : आप तो कुछ दिन पहले गए थे। क्या आप को यहाँ अच्छा नहीं लगता?

माधव : अवकाश लेने के बाद अब यहाँ अच्छा नहीं लगता। तुम्हारी भाभी तो मुझे छोड़ कर चली गई (मर गयी) ! मैं पहले सब काम अपने हाथों से कर सकता था। परंतु आजकल और नहीं कर सकता।

शरत : इसतरह बार-बार रेल यात्रा करना, क्या आप का शरीर सह सकेगा?

माधव : जितने दिन मैं जा सकूँगा जाता रहुँगा। इस बार मेरी पुत्रवधु (बहू) मेरे साथ आ सकती है। पोती (नातिन) भी आ सकती है।

शरत : तब तो आपको कोइ भी समस्या नहीं होगी। आप अच्छी तरह खा-पी

ନାତୁଣୀଟା ବି ଆସିପାରେ ।

ଶରତ : ତେବେ ଆପଣଙ୍କର ଆଉ କୌଣସି ଅସୁବିଧା ହେବନି । ଆପଣ ଭଲରେ ଖାଇ ପାରିବେ ।

ମାଧବ : ହଁ ସେ କଥା ସତ ।

ଶରତ : ନାତୁଣୀ କେତୁଟିଏ ହେଲାଣି? ସେ କ'ଣ କଥା କହିପାରୁଛି ?

ମାଧବ : ମୋ ନାତୁଣୀଟି ଗୋଟିଏ ଚାଉଳରେ ଗଢ଼ା । ଭାରି ସୁନ୍ଦର କଥା ବି କହିପାରୁଛି । ତା'ର ଗୁଲୁ ଗୁଲୁ କଥା ମତେ ଶୁଣିବାକୁ ଭାରି ଭଲଲାଗେ । ସେତେବେଳେ ସେ ଠୁକୁ ଠୁକୁ ଚାଲୁଥିଲା । ଏବେ ତ ଦୌଡ଼ି ପାରୁଥିବ ।

ଶରତ : ଆପଣଙ୍କ ସାନ ପୁଅର ଡାକ୍ତରୀ ପାଠ କ'ଣ ଶେଷ ହେଲାଣିକି?

ମାଧବ : ନାଇଁ, ଏବେତ ତା'ର ଚତୁର୍ଥ ବର୍ଷ ଚାଲିଛି । ଆଉ ବର୍ଷେ ପରେ ପରୀକ୍ଷା ସରି ଯାଇଥିବ । ତା' ପରେ ସେ ଅଧିକ ପଢ଼ିବାକୁ ଆମେରିକା ଯାଇପାରେ ।

ଶରତ : ଆପଣ ଖୁବ୍ ଭାଗ୍ୟବାନ ମାଧବ ବାବୁ । ଦୁଇଟି ଯାକ ପୁଅ ଲାଗି ସାରିଛନ୍ତି । ଏଥର ଆପଣ ନିଶ୍ଚିନ୍ତରେ ମହାପ୍ରଭୁ ଜଗନ୍ନାଥଙ୍କ ନାମ ନେଇ ଶାନ୍ତିରେ ବଂଚି

सकेंगे।

माधव : हाँ, यह तो (सच) है।

शरत : पोती (नातिन) अब कितनी (बड़ी) हो गई है? क्या वह बात कर सकती है?

माधव : मेरी पोती एक चावल-दाने सी (बहुत सुघड़) है। बहुत अच्छी तरह बात भी कर सकती है। उस की तुतली बातें सुनना मुझे बहुत अच्छा लगता है। तब वह ठुमक-ठुमक चलती थी। अब तो दौड़ सकती होगी।

शरत : क्या, आपके छोटे लड़के की डॉक्टरी की पढ़ाई खत्म हो गयी है?

माधव : नहीं, अभी तो उस का चतुर्थ वर्ष चल रहा है। और एक वर्ष के बाद परीक्षा खत्म हुई होगी।उसके बाद वह आगे पढ़ने के लिए अमेरिका जा सकता है।

शरत : माधव बाबु, आप बहुत भाग्यवान हैं। आप के दोनों पुत्र काम पर लग गए हैं। अब से आप निश्चिंत होकर महाप्रभू जगन्नाथ का नाम ले कर शांति से जी सकते हैं।

ପାରିବେ ।

शब्दार्थ

ओड़िआ शब्द	हिंदी अर्थ
ଧାନକଟା ଛୁଟି	धान-कटाई की छुट्टी
ଯାଇପାରୁନି	नहीं जा सकता
ବଡ଼ପୁଅ	बड़ा बेटा
ଯାଇପାରେ	जा सकता हूँ
ଅବସର	अवकाश/सेवानिवृत्ति
ଛାଡ଼ି ଚାଲିଗଲେ	मर गई/छोड़कर गई
କରି ପାରୁଥିଲି	कर सकता था
ଥରକୁ ଥର	बार-बार
ବୋହୂ	बहू (पुत्रवधु)
ନାତୁଣୀ	पोती
ଅସୁବିଧା	समस्या, असुविधा
କେଡୁଟିଏ	कितनी बड़ी
ଗୁଲୁ ଗୁଲୁ କଥା	तुतली बातें
ଠୁକୁ ଠୁକୁ ଚାଲି	ठुमक-ठुमक चलना
ଦୌଡ଼ି ପାରୁଥିବ	दौड़ सकती होगी
ସାନପୁଅ	छोटा लड़का
ସରିଲାଣି	खत्म हो गया
ସରିଯାଇଥିବ	खत्म हुई होगी
ଭାଗ୍ୟବାନ	भाग्यवान्

ଲାଗିସାରିଛନ୍ତି	**काम पर लग गए हैं**
ନିଶ୍ଚିନ୍ତରେ	**निश्चिंत होकर**
ଜଗନ୍ନାଥଙ୍କ ନାମନେବା	**जगन्नाथ के नाम लेना**
ମହାପ୍ରଭୁ	**महाप्रभु**
ଶାନ୍ତିରେ	**शांति से**
ନେଇକରି	**लेकर**
ବଂଚିପାରିବେ	**जी सकते हैं**

अभ्यास

I. (1) **नीचे दिए गए वाक्यांश तथा वाक्य दोहराइए।**

1. ଧାନକଟା ଛୁଟି
2. ଥରକୁ ଥର
3. କେତୁଟିଏ
4. ଗୁଲୁ ଗୁଲୁ କଥା
5. ଠୁକୁ ଠୁକୁ ଚାଲି

(2)

1. ଏଥର ମୋ ବଡ଼ପୁଅ ଘରକୁ ଭୋପାଳ ଯାଇପାରେ।
2. ନାଁ, ମୁଁ ଗାଁକୁ ଯାଇ ପାରୁନି।
3 ଏମିତି ଯାତ୍ରା କଲେ ଆପଣଙ୍କ ଦେହ ସହିପାରିବ ତ ?
4. ଯେତେ ଦିନ ମୁଁ ଯାଇ ପାରୁଥିବି, ଯାଉଥିବି।
5. ବୋହୂ ଯେତେଦିନ ରହିବେ, ସେତେଦିନ ତ ଆପଣ ଭଲରେ ଖାଇ ପାରିବେ।
6. ମୁଁ କାମ କରିପାରେ।
7. ଆମେ କାମ କରିପାରୁ।
8. ତୁ କାମ କରିପାରୁ।
9. ତୁମେ କାମ କରିପାର।
10. ଆପଣ କାମ କରିପାରନ୍ତି।
11. ସେ କାମ କରିପାରେ।

12. ସେ କାମ କରିପାରନ୍ତି ।

13. ସେମାନେ କାମ କରିପାରନ୍ତି ।

II. रेखांकित शब्दों के स्थान पर दिए गए शब्दों का प्रयोग कर वाक्य बनाइए ।

1) ମୁଁ ଏଥର ମୋ <u>ବଡ଼ପୁଅ</u> ଘରକୁ ଯାଇପାରେ ।

ସାଙ୍ଗ
ଶାଶୁ
ସାର୍‌ଙ୍କ
ବାପ
ଭଉଣୀ

2) ମୁଁ ଆଗରୁ ସବୁ କାମ <u>ନିଜ ହାତରେ</u> କରିପାରୁଥିଲି ।

ନିଜେ
ସହଜରେ
ସୁବିଧାରେ
ବିନା କଷ୍ଟରେ
ଶୀଘ୍ର

3) ଆପଣ ଇଏ ଅସୁବିଧା <u>ସହିପାରିବେ</u> ତ ?

ମନେରଖିବେ
ଭୁଲିଯିବେ
ଭାଗ କରିବେ
ଦୂରେଇ ପାରିବେ
ସମ୍ଭାଳି ପାରିବେ

4) <u>ଆଜିକାଲି</u> ଏତେ କାମ ଆଉ ପାରୁନି ।

ଏବେ
ସବୁବେଳେ
ଦିନେଦିନେ
ଆଜି
ସକାଳେ

5) ଯେତେଦିନ ମୁଁ <u>ଯାଇପାରୁଥିବି</u> <u>ଯାଉଥିବି</u> ।

ଖାଇ ପାରୁଥିବି ଖାଉଥିବି

ପଢ଼ି ପାରୁଥିବି	ପଢୁଥିବି
ଦେଇ ପାରୁଥିବି	ଦେଉଥିବି
ଶୁଣି ପାରୁଥିବି	ଶୁଣୁଥିବି
କହି ପାରୁଥିବି	କହୁଥିବି

6) ସେ କ'ଣ <u>କଥା କହିଲାଣି</u> ? 7) ଆପଣଙ୍କ ସାନ ପୁଅର <u>ପାଠ</u> କ'ଣ ସରିଲାଣି ?

ଗୀତ ଗାଇଲାଣି	ପଢ଼ା
ପାଠ ପଢ଼ିଲାଣି	କାମ
ଭାତ ଖାଇଲାଣି	ଗବେଷଣା
କାମ କଲାଣି	ଲେଖା
ନାଚ ଶିଖିଲାଣି	ପରୀକ୍ଷା

III. (1) **उदाहरण के अनुसार नीचे दिए गए वाक्यों का परिवर्तन कीजिए।**

उदाहरण :- ମୁଁ ଆଜି କଲିକତା ଯାଉଛି । (ଯିବା)
ମୁଁ ଆଜି କଲିକତା ଯାଇପାରେ ।

1. ମୁଁ ପାଠ ପଢୁଛି । (ପଢ଼ିବା)
2. ମୁଁ ଖେଳ ଖେଳୁଛି । (ଖେଳିବା)
3. ମୁଁ ଗୀତ ଗାଉଛି । (ଗାଇବା)
4. ମୁଁ ନାଚ ଶିଖୁଛି । (ଶିଖିବା)
5. ମୁଁ ଭଲ କାମ କରୁଛି । (କରିବା)

(2) **उदाहरण के अनुसार कोष्ठक में दिए गए हिंदी क्रियाओं के ओड़िआ समानार्थक शब्दों का प्रयोग कर वाक्य पूरे कीजिए।**

उदाहरण :- ମୁଁ ଏଇ କାମ ______ । **(कर सकता हुँ)**
ମୁଁ ଏଇ କାମ <u>କରିପାରେ</u> ।

1. ଆମେ ବହି _______ । **(लिख सकता है)**
2. ତୁ ସେଇ ଗୀତ ______ । **(गा सकता है)**
3. ତୁମେ ଏଠିକୁ _______ । **(आ सकता हो)**
4. ଆପଣ ଚିଠି _______ । **(भेज सकते हैं)**

5. ସିଏ ଓଡ଼ିଶୀ ନାଚ ______ । (नाच सकती है)
6. ସେମାନେ ତୁମକୁ ସବୁବେଳେ _______ । (बुला सकते हैं)
7. ସବୁ ଲୋକ ପିଲାମାନଙ୍କୁ _______ । (प्यार कर सकते हैं)
8. ଆଜି ପ୍ରତିଭା ତଥା ପ୍ରତିମା କଲେଜ୍ ______ । (जा सकते हैं)

IV. उदाहरण के अनुसार कोष्ठक में दिए गए क्रियाओं के उपयुक्त रूपों का प्रयोग कर वाक्य बनाइए।

(1) **उदाहरण** :- ସେ କଥା (କହିବା) ।
ସେ କଥା କହି ପାରୁଥିବ ।

1. ମୁଁ ଗୀତ (ଗାଇବା) । 2. ତୁ ନାଚ (କରିବା) ।
3. ତୁମେ ପାଠ (ପଢ଼ିବା) । 4. ତୁମେମାନେ ହକି (ଖେଳିବା) ।
5. ଆପଣ ଅଙ୍କ (କରିବା) । 6. ସେ କାମ (କରିବା) ।

(2) **उदाहरण** :- ସେ ଚାଲି (ପାରିବା) ।
ସେ ଚାଲି ପାରୁଥିଲା ।

1. ସେମାନେ ବୁଲି (ପାରିବା) । 2. ଆପଣ ଦେଇ (ପାରିବା) ।
3. ତୁମେ କହି (ପାରିବା) । 4. ତୁମେମାନେ ଯାଇ (ପାରିବା) ।
5. ଆପଣମାନେ ରଖି (ପାରିବା) । 6. ସେ ପଢ଼ି (ପାରିବା) ।

(3) **उदाहरण** :- ମୁଁ ଏଇ କଥା (କହିବା) ।
ମୁଁ ଏଇ କଥା କହିପାରେ ।

1. ସେ ମନ୍ଦିର (ଯିବା) । 2. ସେମାନେ ବହି (ନେବା) ।
3. ତୁ ଖାଇବାକୁ । (ଦେବା) 4. ତୁମେ ଲାଇବ୍ରେରୀରେ (ପଢ଼ିବା) ।
5. ତୁମେମାନେ ଆଜି (ଖୋଜିବା) । 6. ମୁଁ ଚିଠି ଲେଖି (ଲେଖିବା) ।

V. कोष्ठक में दिए गए शब्दों में से उपयुक्त शब्दों का प्रयोग कर वाक्य पूरे कीजिए।

(ତଳେ, ଧାନକଟା, ସାନପୁଅ, ଅବସର, ଭାଗ୍ୟବାନ)

1. ଆପଣ କ'ଣ _____ ଛୁଟିରେ ଗାଁକୁ ଯାଉଛନ୍ତି ?
2. ଅଳ୍ପ ଦିନ _____ ତ ଯାଇଥିଲେ ।
3. ମତେ ______ ନେଲାପରେ ଆଉ ଏଠି ଭଲ ଲାଗୁନି ।
4. ଆପଣଙ୍କ _____ ର ଡାକ୍ତରୀ ପାଠ ଶେଷ ହେଲାଣି କି ?

5. ଆପଣ _____ ମାଧବ ବାବୁ ।

VI. कोष्ठक में दिए गए शब्दों में से उपयुक्त शब्द चुन कर वाक्य पूरे कीजिए।

1. ମୋ ଝିଅ ସାଙ୍ଗରେ ଆସି _____ । (ପାରିବି, ପାରିବ)
2. ସେ ସେତେବେଳେ କଥା କହି _____ । (ପାରୁଥିଲି, ପାରୁଥିଲା)
3. ମୋ ନାତୁଣୀ ଏବେ ଦୌଡ଼ି _____ । (ପାରୁଥିବା, ପାରୁଥିବ)
4. ସେ ଆମେରିକା ଯାଇ _____ । (ପାରିବା, ପାରିବ)
5. ତୁ ଘରକୁ ଆସି _____ । (ପାରିବୁ, ପାରିବା)

VII. उदाहरण के अनुसार उचित स्थान पर दो दो शब्द जोड़कर दिए गए प्रत्येक वाक्य का विस्तार कीजिए।

उदाहरण:- ମୁଁ ଏଇ ବହିଟି ନେଇପାରେ ।
ମୁଁ ଆଜି ଏହି ଉପନ୍ୟାସ ବହିଟି ନେଇପାରେ ।

1. ସେମାନେ ଜଙ୍ଗଲକୁ ଯାଇପାରନ୍ତି ।
2. ସେ ଖେଳିବାକୁ ଯାଇପାରେ ।
3. ସୀତା ନାଚ ନାଚିପାରେ ।
4. ଆପଣମାନେ ଭାତ ଖାଇପାରନ୍ତି ।
5. ତୁମେ ପୁରୀକୁ ଯାଇପାର ।
6. ଆମେମାନେ ପୂଜା କରିପାରୁ ।

VIII. उदाहरण के अनुसार दिए गए वाक्यों के निषेधवाचक रूप बनाइए।

उदाहरण:- ସେ ଏଇ କାମ କରିପାରିବେ ।
ସେ ଏଇ କାମ କରିପାରିବେ ନାହିଁ ।

1. ମୁଁ କାହାଣୀ ଲେଖିପାରେ ।
2. ସେ ଆପଣଙ୍କୁ ପ୍ରଶ୍ନ ପଚାରିପାରେ କି ?
3. ତୁମେ ଆଜି ରାତିରେ ଏ ସ୍ଥାନରୁ ଯାଇପାର ।
4. ସେମାନେ ସକାଳେ ଏଠିକୁ ଆସି ପାରନ୍ତି ।
5. ଆପଣମାନେ କାଲି ଲିଙ୍ଗରାଜ ମନ୍ଦିରକୁ ଯାଇପାରନ୍ତି ।
6. ଏଇ ବର୍ଷ ମୁଁ ଏମ୍.ଏ ପରୀକ୍ଷା ଦେଇପାରେ ।

IX. उदाहरण के अनुसार दिए गए नकारात्मक वाक्यों के सकारात्मक वाक्य बनाइए।

उदाहरण:- ମୁଁ ଆଜିକାଲି ସବୁ କାମ ନିଜ ହାତରେ କରି ପାରୁନି ।
ମୁଁ ଆଜିକାଲି ସବୁକାମ ନିଜ ହାତରେ କରିପାରୁଛି ।

1. ମୁଁ ଆଜିକାଲି ସ୍କୁଲ ଯାଇ ପାରୁନି ।
2. ସେ ଆଜିକାଲି ଗୀତ ଗାଇ ପାରୁନି ।
3. ସେମାନେ ଆଜିକାଲି ଏଠିକି ଆସିପାରୁନାହାନ୍ତି ।
4. ଆପଣ ଆଜିକାଲି ମତେ ଉପଦେଶ ଦେଇପାରୁ ନାହାନ୍ତି ।
5. ତୁ ଆଜିକାଲି ନାଚ ଶିଖି ପାରୁନୁ ।

X. उदाहरण के अनुसार वाक्यों का परिवर्तन कीजिए।

उदाहरण:- ମୁଁ ଯାଇ ପାରୁଛି ।
ମୁଁ ଯାଇ ପାରିଲି ନାହିଁ ।

1. ସେ ଖାଇ ପାରୁଛି ।
2. ସେମାନେ ଲେଖି ପାରନ୍ତି ।
3. ଆପଣ ଦେଖି ପାରୁଛନ୍ତି ।
4. ତୁ କହି ପାରୁଛୁ ।
5. ତୁମେମାନେ ନେଇ ପାରୁଛ ।
6. ମୁଁ ଦୌଡ଼ି ପାରିଛି ।

XI. उदाहरण के अनुसार नीचे दिए गए वाक्यों के प्रश्नार्थक वाक्य बनाइए।

उदाहरण:- ଆପଣ କଷ୍ଟ ସହି ପାରିବେ ।
ଆପଣ କ'ଣ କଷ୍ଟ ସହି ପାରିବେ ?

1. ମୁଁ ପଢ଼ି ପାରିବି ।
2. ତୁମେ ଦେଖି ପାରିବ ।
3. ସେମାନେ କରି ପାରିବେ ।
4. ଆପଣ ରାନ୍ଧି ପାରିବେ ।
5. ଆପଣମାନେ ପିଇ ପାରିବେ ।
6. ମୁଁ ଚାଲି ପାରିବି ।

XII. नीचे दिए गए वाक्य पूरे कीजिए।

1. ଆମେ ଜଙ୍ଗଲକୁ _______ ।
2. ସେମାନେ ଆଜି ସାକ୍ଷାତ ______ ।
3. ଆମେ ସେଇ ଚିଠି ________ ।
4. କାଲି ତୁମେ କ'ଣ ଏଠିକି _______ ।
5. ମୁଁ କ'ଣ ଏଇ ବହିରୁ _______ ।
6. ତୁମେ କ'ଣ ମୋ ଦୋକାନରୁ ଦୁଇଟି ବହି ______ ।
7. ସଂଧ୍ୟା ପାଂଚଟା ପର୍ଯ୍ୟନ୍ତ ମୁଁ ଏଠି _______ ।

पढ़िए और समझिए

ନୂଆଦିଲ୍ଲୀ ତା ୩୦.୦୫.୨୦୦୫

ପୂଜନୀୟ ଭାଇନା,

ମୋର ନମସ୍କାର ଗ୍ରହଣ କରିବ। ଗତ କାଲି ତୁମ ଚିଠି ପାଇଲି। ତୁମେ ଓ ନୂଆବୋଉ ଶିଲା ଓ ମୁନ୍ନାକୁ ନେଇ ଭୁବନେଶ୍ୱର ଯାଉଛ ବୋଲି ଚିଠିରେ ଲେଖିଛ। ତୁମେ ଜଗନ୍ନାଥ ଏକ୍‌ସପ୍ରେସରେ ଭୁବନେଶ୍ୱର ଯାଇପାରିବ। ଗୋଟିଏ ଅଟୋରିକ୍‌ସାରେ ଭୁବନେଶ୍ୱରର ମ୍ୟୁଜିୟମ୍, କେଦାରଗୌରୀ, ରାଜରାଣୀ ମନ୍ଦିର, ବୋଇତାଳ ମନ୍ଦିର ଓ ବିନ୍ଦୁସାଗର ଦେଖିପାରିବ। ଶିଲା ଓ ମୁନ୍ନା ତମ ସାଙ୍ଗରେ ଥିବେ। ପରଦିନ ସମସ୍ତେ ମିଶି ଧଉଳିଗିରି, ଖଣ୍ଡଗିରି ଓ ଉଦୟଗିରି ଦେଖିପାରିବ। ଏକାମ୍ର କାନନରେ ଗୋଲାପ ବଗିଚା ଓ ସାମନ୍ତ ଚନ୍ଦ୍ରଶେଖର ପ୍ଲାନେଟୋରିୟମ ମଧ୍ୟ ଦେଖି ପାରିବ। ଭୁବନେଶ୍ୱରରେ ସଚିବାଳୟ, ବିଧାନସଭା ଗୃହ, ବାଣୀବିହାର, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ମଧ୍ୟ ଦେଖିପାରିବ।

ଆସନ୍ତା ଛୁଟିରେ ମୁଁ କଲିକତା ଯାଇପାରେ। ମୋର ଜଣେ ସାଙ୍ଗ ମଧ୍ୟ ମୋ ସାଙ୍ଗରେ ଯାଇପାରନ୍ତି। ତୁମେ ନୂଆବୋଉଙ୍କୁ ମୋର ନମସ୍କାର ଜଣାଇ ଦେବ। ଶିଲା, ମୁନ୍ନାକୁ ମୋର ସ୍ନେହ ଦେବ।

ଇତି।
ତୁମର ସ୍ନେହାଧୀନ
ସାଗର

ପ୍ରେରକ	ଗ୍ରାହକ
ସାଗର ଦାସ	ନିରାକାର ଦାସ
ଘ. ନଂ - ୫୭୬	ଘ. ନଂ - ୧୧୧
ପୋଷ୍ଟ - ଗ୍ରୀନପାର୍କ	ବିମଳା ନିବାସ
ନୂଆଦିଲ୍ଲୀ	ପୋଷ୍ଟ - ଫୁଲନଖରା
	ଜିଲ୍ଲା - କଟକ

शब्दार्थ

ओड़िआ शब्द **हिंदी अर्थ**

ଚିଠି	चिट्ठी
କେଦାରଗୌରୀ	केदार गौरी (एक मंदिर)
ରାଜରାଣୀ ମନ୍ଦିର	राजरानी मंदिर
ବୋଇତାଳ ମନ୍ଦିର	बोइताल मंदिर
ବିନ୍ଦୁସାଗର	बिंदु सागर (एक तालाब)
ଧଉଳିଗିରି	धवल गिरि
ସଚିବାଳୟ	सचिवालय
ବିଧାନସଭା ଗୃହ	विधान सभा गृह
ବାଣୀବିହାର	बाणी बिहार (वाणी विहार- उत्कल विश्व- विद्यालय कंपस का नाम)
ନୂଆବୋଉ	भाभी
ସ୍ନେହ	स्नेह
ଇତି	इति, समाप्त
ସ୍ନେହାଧୀନ	स्नेह के साथ (सस्नेह)

अभ्यास

I. अनुच्छेद के अनुसार नीचे दिए गए प्रश्नों के उत्तर लिखिए।

1. କେଉଁ ଗାଡ଼ିରେ ଭୁବନେଶ୍ୱର ଯାଇପାରିବ ?
2. ଭୁବନେଶ୍ୱରରେ କେଉଁ କେଉଁ ମନ୍ଦିର ଅଛି ?
3. ଭୁବନେଶ୍ୱର ପ୍ଲାନେଟୋରିୟମର ନାଁ କ'ଣ ?
4. ଓଡ଼ିଶାର ବିଧାନସଭା ଗୃହ କେଉଁଠି ଅଛି ?
5. ଗୋଲାପ ବଗିଚା କେଉଁଠି ଅଛି ?

II. नीचे दिए गए शब्दों को सही क्रम में रखकर वाक्य बनाइए।

1. କରିବ, ଗ୍ରହଣ, ମୋ'ର, ନମସ୍କାର
2. ଚିଠି, ପାଇଲି, ତୁମ, ଗତକାଲି
3. ଛୁଟିରେ, ଯାଇପାରେ, ମୁଁ, ଆସନ୍ତା
4. ଶିଲା ଓ ମୁନ୍ନା, ଉଦୟଗିରି, ଧଉଳିଗିରି, ଦେଖିପାରିବେ, ଓ ଖଣ୍ଡଗିରି
5. ନୂଆବୋଉଙ୍କୁ, ତମେ, ନମସ୍କାର ଦେବ, ମୋର

III. **अनुच्छेद के अनुसार नीचे दिए गए वचन सही क्रम में लाइए।**

1. ଶିଲା ଓ ମୁନ୍ନାକୁ ମୋ'ର ସ୍ନେହ ଦେବ।
2. ମୋ'ର ନମସ୍କାର ଗ୍ରହଣ କରିବ।
3. ଆସନ୍ତା ଛୁଟିରେ ମୁଁ କଲିକତା ଯାଇପାରେ।
4. ଶିଲା ଓ ମୁନ୍ନା ଧଉଳିଗିରି, ଖଣ୍ଡଗିରି ଓ ଉଦୟଗିରି ଦେଖିପାରିବେ।
5. ଜଗନ୍ନାଥ ଏକ୍ସପ୍ରେସରେ ଭୁବନେଶ୍ୱର ଯାଇପାରିବ।

IV. **हिंदी में अनुवाद कीजिए।**

ଆସନ୍ତା ବର୍ଷ ମୁଁ ଅବସର ନେବାକୁ ଯାଉଛି। ଅବସର ନେବା ପୂର୍ବରୁ ମୁଁ ମୋର ଯୋଜନା ତିଆରି କରିସାରିଛି। ଅନାଥ ଓ ବିଧବା ମହିଳାମାନଙ୍କପାଇଁ ଗୋଟିଏ କେନ୍ଦ୍ର ଖୋଲିବାକୁ ଚାହୁଁଛି। ଏହା ଏମିତି ଏକ କେନ୍ଦ୍ର ହେବ ଯେଉଁଠାରେ କି ଏହିପରି ଅସହାୟ ସ୍ତ୍ରୀ ଲୋକମାନେ ଆନନ୍ଦର ସହିତ ବଞ୍ଚି ପାରିବେ। ଯେଉଁ ପ୍ରକାରର କାମ ହେଲେବି ସେମାନେ ସେଠାରେ ରହି କରି ପାରିବେ। ସେଇ କାର୍ଯ୍ୟ ପାଇଁ ସେମାନେ ସେଠାରୁ ଟଙ୍କା ପାଇବେ। ଅନ୍ୟ ମାନଙ୍କୁ ନିର୍ଭର ନକରି ସେମାନେ ବଞ୍ଚି ପାରିବେ। ଏହି କେନ୍ଦ୍ରର ପରିଚାଳନାରେ ସାହାଯ୍ୟ କରିବା ପାଇଁ ମୁଁ ମୋ ପରି ସ୍ତ୍ରୀ ଲୋକଟିଏ ଖୋଜି ରଖିପାରିବି। ଆମେମାନେ ସମସ୍ତେ ସେଠାରେ ଭଲରେ ବଞ୍ଚିପାରିବୁ।

ମୋର ମନେ ଅଛି ଯେତେବେଳେ ମୁଁ ସ୍କୁଲରେ ପଢୁଥିଲି ସେଇ ସମୟରେ ମୋ ଶ୍ରେଣୀର ଦୁଇଜଣ ଗରୀବ ଝିଅଙ୍କୁ ସାହାଯ୍ୟ କରିପାରିଥିଲି। କାରଣ ତାଙ୍କ ବାପାମାନେ ମଦୁଆ ଥିଲେ। ସେମାନେ ଶାନ୍ତିରେ ବଞ୍ଚି ପାରୁନଥିଲେ ଆଉ ଭଲରେ ଗଣ୍ଡେ ଖାଇବାକୁ ମଧ୍ୟ ପାଇପାରୁନଥିଲେ। ସେଥିପାଇଁ ସେମାନେ ପ୍ରାୟତଃ ନଖାଇ ସ୍କୁଲକୁ ଆସୁଥିଲେ। ମୁଁ ସେଥିପାଇଁ ମୋ ଖାଦ୍ୟକୁ ସେମାନଙ୍କ ସହିତ ଭାଗ କରୁଥିଲି। ଦୁଃଖ କଷ୍ଟ ପାଉଥିବା ପିଲା ଓ ସ୍ତ୍ରୀ ଲୋକମାନଙ୍କ ପାଇଁ ମୁଁ ସବୁବେଳେ ଦୁଃଖ କରୁଥିଲି। ସେମାନଙ୍କୁ ସାହାଯ୍ୟ କରିବାକୁ ମଧ୍ୟ ଚାହୁଁଥିଲି। ଏହି ସ୍ୱପ୍ନର କେନ୍ଦ୍ର ଦ୍ୱାରା ବର୍ତ୍ତମାନ ମୋର ଆଶା ପୂରଣ ହୋଇପାରିବ। ମୁଁ ସେମାନଙ୍କୁ ସବୁ ପ୍ରକାର କଳା କୌଶଳ କିପରି ଗ୍ରହଣ କରାଯାଇପାରିବ ସେ ବିଷୟରେ ଶିକ୍ଷାଦେବି। ଏହାଦ୍ୱାରା ହିଁ ମୁଁ ସେମାନଙ୍କୁ ସ୍ୱାଧୀନ କରେଇପାରିବି ଏବଂ ସୁଖୀ ମଧ୍ୟ କରେଇପାରିବି। ମୋ ଚାକିରୀ କାଳ ମଧ୍ୟରେ ମୁଁ ଏହିପ୍ରକାର କାମ କରିପାରିନଥାନ୍ତି। କେବଳ ଜଣେ କିମ୍ବା ଦୁଇଜଣଙ୍କୁ ସାହାଯ୍ୟ କରିପାରିଥାନ୍ତି। କିନ୍ତୁ ମୋ ସ୍ୱପ୍ନ କେନ୍ଦ୍ରରେ ମୁଁ ଅନେକଙ୍କୁ ସାହାଯ୍ୟ କରିପାରିବି। ଏହି କାମ କରି ମୁଁ ମାନସିକ ଶାନ୍ତି ଖୋଜି ପାଇବି।

V. ओड़िआ में अनुवाद कीजिए ।

मैं पूरी जाना चाहता हूँ। मैं अभी नहीं जा सकता हूँ। अभी मुझे मित्र की बेटी की शादी पर जाना है। फिर कभी पूरी जाऊँगा। मैं मित्र को भी साथ ले सकता हूँ। हम वहाँ पाँच-दस दिन रह सकते हैं। वहाँ घूम सकते हैं। पिछली बार मैं अकेला गया था। उस समय मेरे बच्चे मेरे साथ नहीं आ सके। आजकल उनकी छुट्टियाँ हैं। वे भी पूरी देख सकेंगे। इस छुट्टी में हमें घूमने जाना चाहिए। यह मानसिक और शारीरिक स्वास्थ्य के लिए लाभदायक है।

VI. आप ग्रीष्म की छुट्टियाँ कैसे बिताएँगे इस संबंध में अपने मित्र को एक पत्र लिखिए।

टिप्पणियाँ

I. इस पाठ में निम्न प्रकार के वाक्यों का प्रयोग हुआ है।

1. ସେ ସୁନ୍ଦର କଥା ବି କହିପାରୁଛି । वह अच्छी तरह बात भी कर सकती है।
   से सुंदर कथा बि कहिपारुछि।
2. ନାଁ, ମୁଁ ଗାଁକୁ ଯାଇପାରୁନି । मैं गाँव को नहीं जा सकती हूँ।
   नाँ, मुँ गाँकु जाइपारुनि।
3. ଆପଣଙ୍କ ଦେହ କ'ଣ ସହିପାରିବ ? क्या आप का शरीर यह सह सकेगा?
   आपणंक देह क'ण सहिपारिब ?
4. ମୁଁ ଏଥର ମୋ ବଡ଼ପୁଅ ଘରକୁ ଭୋପାଳ ଯାଇପାରେ । इस बार मैं अपने बडे बेटे का घर जा सकता हूँ।
   मुँ एथर मो बड़पुअ घरकु भोपाळ जाइपारे।
5. ନାତୁଣୀଟା ମଧ୍ୟ ମୋ ସାଙ୍ଗରେ ଆସିପାରେ । पोती भी मेरे साथ आ सकती हैं।
   नातुणीटा मध्य मो सांगरे आसिपारे।

उपर्युक्त वाक्यों में ओड़िआ के शक्यता बोधक क्रियावाले वाक्यों का परिचय दिया गया है। ओड़िआ के शक्यता बोधक क्रिया वाले वाक्य बनाने के लिए मूल क्रिया के साथ -'ଇ' (-इ) प्रत्यय जोड़ कर सहायक क्रिया -'ପାର' (-पार) के साथ काल, पुरुष और वचन के अनुसार प्रत्यय लगाते हैं जैसे- -'କରିପାରୁଛି' (-करिपारुछि) 'मैं कर सहता हूँ', -'କରିପାରୁଥିବି'

(-करिपारुथिबि) 'मैं कर सकूँगा', -'କରିପାରୁଥିଲି' (-करिपारुथिलि) 'मैं कर सकता था'। हिंदी में ऐसे प्रयोगों में मूल क्रिया के साथ प्रत्यय नहीं जोड़े जाते परंतु सहायक क्रिया 'सक' का प्रयोग काल, लिंग तथा वचन और पुरुष के प्रत्ययों का प्रयोग कर योजक क्रियाओं का उपयुक्त रूप लगाते हैं।